## OSWALIରେ ଜଳଭାଗରେ ଜୀବନରକ୍ଷାର ପ୍ରଦର୍ଶନ ଦେଖିଲେ ବ୍ରିକ୍ସ୍ ପ୍ରତିନିଧିବୃନ୍ଦ

ଭୁବନେଶ୍ୱର/ପୁରୀ, ୫ ଜୁନ୍ :

ପୁରୀଠାରେ ଚାଲିଥିବା ବ୍ରିକ୍ସ୍ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ଉଦଯାପନୀ ଦିବସରେ ବ୍ରିକ୍ସ୍ ରାଷ୍ଟ୍ରସମୂହର ପ୍ରତିନିଧିବୃନ୍ଦ ବିପର୍ଯ୍ୟୟ ପରିଚାଳନାରେ ପାରସ୍ପରିକ ସହଯୋଗ ସୁନିଶ୍ଚିତ କରିବା ନିମନ୍ତେ ଆଲୋଚନା କରିଥିଲେ । ଅପରାହ୍ଣରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ଅନୁଯାୟୀ ବିଭିନ୍ନ ରାଷ୍ଟ୍ରର ପ୍ରତିନିଧିବୃନ୍ଦ ଓଡ଼ିଶା ରାଜ୍ୟ ଜଳ ଦକ୍ଷତା ଓ ଜୀବନରକ୍ଷା ଅନୁଷ୍ଠାନ(Odisha State Watermanship and Lifeguard Institute), ରାମଚଣ୍ଡୀ ପରିଦର୍ଶନ କରିଥିଲେ ।



OSWALI ପକ୍ଷରୁ ରାମଚଣ୍ଡୀ ମୁହାଣରେ ଜଳରେ ଘଟୁଥିବା ଦୁର୍ଘଟଣାକୁ ପ୍ରତିରୋଧ କରିବା ନିମନ୍ତେ ଦୁଃସାହସିକ ଜୀବନରକ୍ଷା କାର୍ଯ୍ୟକ୍ରମମାନ ପ୍ରଦର୍ଶିତ ହୋଇଥିଲା । ଲାଇଫ୍ ଜ୍ୟାକେଟ୍ ପିନ୍ଧି ପ୍ରତିନିଧିବୃନ୍ଦ ବୋଟରେ ଭିତରକୁ ଯାଇ ସମସ୍ତ ପ୍ରତିରକ୍ଷା ବ୍ୟବସ୍ଥା ଦେଖିଥିଲେ । ଓଡ଼ିଶାରେ ଜଳଭାଗରେ ଘଟୁଥିବା ବିପଦର ପରିଚାଳନାରେ OSWALIର ଭୂମିକା ପ୍ରଶଂସନୀୟ । ଏହି ଦକ୍ଷତା ପ୍ରଦର୍ଶନ କାର୍ଯ୍ୟକ୍ରମକୁ ବ୍ରିକ୍ସ୍ ରାଷ୍ଟ୍ରସମୂହର ପ୍ରତିନିଧିବୃନ୍ଦ ଖୁବ୍ ଉତ୍ସାହର ସହ ଦେଖିବା ସହ ପ୍ରଶଂସା ମଧ କରିଥିଲେ । ତିନିଦିନିଆ ଅନ୍ତର୍ଜାତୀୟ ବୈଠକର ସଫଳ ଆୟୋଜନ ନିମନ୍ତେ ପ୍ରତିନିଧିବୃନ୍ଦ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (OSDMA)ଙ୍କୁ ଧନ୍ୟବାଦ ଜଣାଇଥିଲେ । OSDMA ପକ୍ଷରୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. କମଳ ଲୋଚନ ମିଶ୍ର ଏବଂ ସମସ୍ତ ବରିଷ୍ଠ ଅଧିକାରୀବୃନ୍ଦ OSWALI ରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଅଂଶୁମାନ ସାହୁ
ଲୋକସମ୍ପର୍କ ଅଧିକାରୀ
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ